ରାଜ୍ୟର ବିଭିନ୍ନ ସ୍ଥାନରୁ 'ସମାଜ'କୁ ଆସିଥିବା ଅଭିଯୋଗ

ଶିକ୍ଷା / ନିଯୁକ୍ତି

●୦୧୧୫୩/ଏସ/ଜେଏଏନ୍/୧୫: ଆବେଦନକାରୀ- ଜୟନ୍ତୀ ଦେ। ଠିକଣା- ଚାନ୍ଦପୁର ରଘୁନାଥପୁର ସାହି, ଚାନ୍ଦପୁର, ରଣପୁର, ନୟାଗଡ। ଆବେଦନକାରୀ ଲେଖିଛନ୍ତି ଯେ ତାଙ୍କ ସ୍ୱାମୀ ୨୮ ବର୍ଷ ଧରି ଚାନ୍ଦପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଚପରାଶି ଭାବେ କାର୍ଯ୍ୟ କରୁଥିଲେ। ଶାରୀରିକ ଅସୁସ୍ଥତା କାରଣରୁ ୨୦୧୩ ଜୁଲାଇରେ ତାଙ୍କର ମୃତ୍ୟୁ ଘଟିଲା। ତାଙ୍କର ଚାରି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସ୍ୱାମୀଙ୍କ ପରଲୋକ ପରେ ପରିବାର ଚଳାଇବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ସ୍ୱାମୀଙ୍କର ଚପରାଶି ଚାକିରିରେ ତାଙ୍କୁ ଥଇଥାନ କରିବାକୁ ସେ ନିବେଦନ କରିଛନ୍ତି।

●୦୧୧୫୮/ଏସ/ଜେଏଏନ୍/୧୫: ଆବେଦନକାରୀ- କମଳଲୋଚନ ଲେଙ୍କା। ଠିକଣା- ତନକା, ଅଳସୂଆଁ, ଖଣ୍ଟପଡା, ବାଲେଶ୍ୱର। ଆବେଦନକାରୀ ଜଣାଇଛନ୍ତି ଯେ ସେ ବାମନଘାଟୀଠାରେ ଥିବା ରାଇରଙ୍ଗପୁର ସରକାରୀ ଉଦ୍ୟାନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ସେ ତାଙ୍କ ବାପା ମା'ଙ୍କର ଏକମାତ୍ର ପୁଅ। ତାଙ୍କ ମା'ଙ୍କ ମୃତ୍ୟୁପରେ ବାପା ରୋଗଶଯ୍ୟାରେ ପଡିଛନ୍ତି। ବାପାଙ୍କୁ ୮୬ ବର୍ଷ ବୟସ। ତାଙ୍କ ପତ୍ନୀ ଜଣେ ହୃଦରୋଗୀ। ତାଙ୍କର ୪ଟି ନାବାଳକ ପିଲାଙ୍କ ସମେତ ବୃଦ୍ଧ ବାପାଙ୍କର ଦେଖାଶୁଣା ପତ୍ନୀ କରୁଛନ୍ତି। ତାଙ୍କୁ ରାଇରଙ୍ଗପୁରରୁ ନିଳଗିରିକୁ ବଦଳି କରିବାକୁ ସେ ନିବେଦନ କରିଛନ୍ତି।

ପେନ୍‌ସନ

●୦୧୧୪୫/ଏସ/ଜେଏଏନ୍/୧୫: ଆବେଦନକାରୀ- ଯଶୋଦା ନାଏକ। ଠିକଣା- ମାର୍ଫତ ବୁଲା ନାଏକ, ମଙ୍ଗଳାସାହି, ଚୌଦ୍ୱାର, ଓ୍ୱାର୍ଡ ନଂ ୩, କଟକ। ଆବେଦନକାରୀ ଲେଖିଛନ୍ତି ଯେ ତାଙ୍କ ସ୍ୱାମୀ ଜଗତସିଂହପୁର ଏସ୍‌ପିଙ୍କ ନିକଟରେ ଝାଡୁଦାର ଭାବେ ସ୍ଥାୟୀ ଚାକିରି କରିଥିଲେ। ଚାକିରିକାଳ ମଧ୍ୟରେ ୨୦୧୪ ଜୁନ ୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଲା। ସେବେଠାରୁ ସେ ପେନ୍‌ସନ, ଗ୍ରାଚ୍ୟୁଇଟି, ଜିପିଏଫ, ପୁନଃଥଇଥାନ ପାଇଁ ଆବେଦନ କରିଥିଲେ ମଧ୍ୟ ତାହା ମିଳିନାହିଁ। ସେ ଜଣେ ଦରିଦ୍ର ଅନୁସୂଚିତ ଜାତିର ମହିଳା। ତାଙ୍କର ତିନିଟି ପିଲା ଅଛନ୍ତି। ତାଙ୍କୁ ତାଙ୍କର ନ୍ୟାଯ୍ୟ ଦାବି ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।

●୦୧୧୫୨/ଏସ/ଜେଏଏନ୍/୧୫: ଆବେଦନକାରୀ- ସୁମିତ୍ରା ସେଠୀ। ଠିକଣା- ମହୁଲିଆ, ବଡମ୍ବା, କଟକ। ଆବେଦନକାରୀ ଜଣାଇଛନ୍ତି ଯେ ତାଙ୍କ ସ୍ୱାମୀଙ୍କର ବୃକକ୍‌ଜନିତ ରୋଗରେ ଯୁବାବସ୍ଥାରେ ମୃତ୍ୟୁ ଘଟିଲା। ଘରେ ତାଙ୍କ ବିଧବା ଶାଶୁ ଓ ତାଙ୍କ ନିଜର ଏକ ଛୋଟ ପୁଅ। ସେ ପର ଘରେ ବାସନ ମାଜି ଯାହା ରୋଜଗାର କରନ୍ତି ସେଥିରେ ଘର ଚଳାଇବା କଷ୍ଟକର ହୋଇଯାଉଛି। ହରିଶ୍ଚନ୍ଦ୍ର ଯୋଜନାରେ ତାଙ୍କୁ ବିଧବା ଭତ୍ତା ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି।

ବାସଗୃହ / ଜମି

●୦୧୧୪୪/ଏସ/ଜେଏଏନ୍/୧୫: ଆବେଦନକାରୀ- ପ୍ରଦୀପ୍ତ କମାର। ଠିକଣା- ପାତ୍ରପାଲି, ପାତୁଆଭାଡି, କୁଚିଣ୍ଡା, ସମ୍ବଲପୁର। ଆବେଦନକାରୀ ଲେଖିଛନ୍ତି ଯେ ସେ କମାର ଘର ପିଲା। ବାପା କମାର କାମ କରନ୍ତି। ଖଟିଲେ କିଛି ରୋଜଗାର ହୁଏ, ନହେଲେ ନାହିଁ। ସେମାନେ ଅତ୍ୟନ୍ତ ଦରିଦ୍ର ଲୋକ। ଝଡବର୍ଷାରେ ସେମାନଙ୍କ ଘର ଭାଙ୍ଗିଯାଇଛି। ଘର ମରାମତି କରିବା କ୍ଷମତା ନାହିଁ। ସରକାର ତାଙ୍କୁ ଖଣ୍ଡେ ଜାଗା ଓ ଘର କରିବାକୁ ସହାୟତା ଦେବାକୁ ସେ ନିବେଦନ କରିଛନ୍ତି।

●୦୧୧୪୬/ଏସ/ଜେଏଏନ୍/୧୫: ଆବେଦନକାରୀ- ବଂଶୀଧର ବାରିକ। ଠିକଣା- କନ୍ତପଡା, ଶଙ୍ଖାମେରୀ, କଟକ। ଆବେଦନକାରୀ ଜଣାଇଛନ୍ତି ଯେ ତାଙ୍କ ବୟସ ୬୭ ବର୍ଷ। ସେ ଆଉ କାମଧନ୍ଦା କରିପାରୁନାହାନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଘର ଖଣ୍ଡେ ତିଆରି କରିପାରିନାହାନ୍ତି। ଅତ୍ୟନ୍ତ ଦରିଦ୍ର ହୋଇଥିଲେ ମଧ୍ୟ ବିପିଏଲ ତାଲିକାରେ ନାମ ନାହିଁ। ମୋ କୁଡିଆ ଯୋଜନାରେ ଘର ପାଇବାକୁ ସେ ସ୍ଥାନୀୟ ବିଡିଓ ଏବଂ ବିଧାୟକଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ।

●୦୧୧୪୮/ଏସ/ଜେଏଏନ୍/୧୫: ଆବେଦନକାରୀ- ଲୋଚନ ବେହେରା। ଠିକଣା- ବୁଢାପଙ୍କ, ଅଭିମାନପୁର, ବଡମ୍ବା, କଟକ। ଆବେଦନକାରୀ ଜଣାଇଛନ୍ତି ଯେ ସେ ଜଣେ ଅସହାୟ ଦରିଦ୍ର ଲୋକ। ମୂଲିଆ କାମ କରି ପେଟପୋଷନ୍ତି। ପରିବାରରେ ତାଙ୍କ ପତ୍ନୀ ଓ ଦୁଇ ଛୋଟ ପିଲା। ଗତବର୍ଷ ବାତ୍ୟାରେ ତାଙ୍କ ଝାଟିମାଟି ଘର ଭାଙ୍ଗିଯାଇଛି। ଘର ମରାମତି କିମ୍ବା ତିଆରି କରିବାକୁ ତାଙ୍କ ପାଖରେ ଅର୍ଥ ନାହିଁ। ସେ ମୋ କୁଡିଆ ଅଥବା ଇନ୍ଦିରା ଆବାସ ଯୋଜନାରେ ଘରଖଣ୍ଡେ ପାଇବାକୁ ନିବେଦନ କରିଛନ୍ତି।

●୦୧୧୪୯/ଏସ/ଜେଏଏନ୍/୧୫: ଆବେଦନକାରୀ- ବିପିନବିହାରୀ ରାଉତ। ଠିକଣା- ନାରାୟଣୀପଡା, ବୋଲଗଡ, ଖୋର୍ଦ୍ଧା। ଆବେଦନକାରୀ ଜଣାଇଛନ୍ତି ଯେ ସେ ଜଣେ ୫୦ ପ୍ରତିଶତ ଭିନ୍ନକ୍ଷମ ଲୋକ। ଗତବର୍ଷ ବାତ୍ୟାରେ ତାଙ୍କ ଚାଳଘର ଭାଙ୍ଗିଯାଇଛି। ଘର ମରାମତି କରିବାକୁ ତାଙ୍କ ନିକଟରେ ଆର୍ଥିକ ସମ୍ବଳ ନାହିଁ। ତାଙ୍କୁ ବିଜୁ ପକ୍କା ଘର ଅଥବା ମୋ କୁଡିଆ ଯୋଜନାରେ ବାସଗୃହ ଯୋଗାଇଦେବାକୁ ସେ ଅନୁରୋଧ କରିଛନ୍ତି।

●୦୧୧୫୧/ଏସ/ଜେଏଏନ୍/୧୫: ଆବେଦନକାରୀ- ରେବତୀ ରାଉତ। ଠିକଣା- ମାର୍ଫତ ବୀରକିଶୋର ରାଉତ, ବାଲିକଣା, ରାଜନଗର, କେନ୍ଦ୍ରାପଡା। ଆବେଦନକାରୀ ଜଣାଇଛନ୍ତି ଯେ ସେ ଜଣେ ଦରିଦ୍ର ବିଧବା ମହିଳା। ତାଙ୍କର ଜମିବାଡି କିଛି ନାହିଁ। ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଇନ୍ଦିରା ଆବାସ ମିଳିନାହିଁ। ଏଥିପାଇଁ ବହୁବାର ବିଡିଓଙ୍କ ନିକଟରେ ଆବେଦନ କରିଛନ୍ତି। ସେଥିରୁ କିଛି ସୁଫଳ ମିଳିନାହିଁ।

●୦୧୧୫୪/ଏସ/ଜେଏଏନ୍/୧୫: ଆବେଦନକାରୀ- ଅଇଁଠୁ ସା। ଠିକଣା- ବୁର୍ଡା, ଲୋଇସିଂହା, ବଲାଙ୍ଗିର। ଆବେଦନକାରୀ ଜଣାଇଛନ୍ତି ଯେ ସେ ଜଣେ ଦରିଦ୍ର ଦିନ ମଜୁରିଆ। ତାଙ୍କ ପରିବାରରେ ପାଞ୍ଚଜଣ ସଦସ୍ୟ। ଫାଇଲିନ ବର୍ଷା ଓ ବାତ୍ୟାରେ ତାଙ୍କ ମାଟି କାନ୍ଥ ଓ ଖପର ଘର ଭାଙ୍ଗିଯାଇଥିଲା। ତାକୁ କୌଣସିମତେ ମରାମତି କରି ରହୁଛନ୍ତି। ତାଙ୍କୁ ବିଜୁ ପକ୍କାଘର ଯୋଜନାରେ ଏକ ବାସଗୃହ ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।

●୦୧୧୫୯/ଏସ/ଜେଏଏନ୍/୧୫: ଆବେଦନକାରୀ- ବି ରାମାରାଓ। ଠିକଣା- ଓ୍ୱାର୍ଡ ନଂ ୫, ବେଣୁସେଠୀ ଗଳି, ଗଜପତିନଗର, ଜଟଣୀ। ଆବେଦନକାରୀ ଜଣାଇଛନ୍ତି ଯେ ତାଙ୍କ ପତ୍ନୀ, ଦୁଇ ଝିଅ ଓ ବୁଢି ମା'ଙ୍କୁ ମିଶାଇ ପରିବାରରେ ମୋଟ ୫ଜଣ। ସେ ଦିନ ମଜୁରିଆ। ଅଧାଭଙ୍ଗା ଚାଳଘରେ ରହୁଛନ୍ତି। ୧୯୯୯ ବାତ୍ୟାରେ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଲୋକଙ୍କ ନିକଟରୁ ମାଗିଯାଚି ଉକ୍ତ ଘର ଛପର କରି ଜରି ଟାଙ୍ଗି ରହୁଥିଲେ। ଫାଇଲିନ ଓ ହୁଦ୍‌ହୁଦ୍‌ରେ ଜରି ଉଠିଗଲା। ଏଭଳି ଅବସ୍ଥାରେ ସରକାର ତାଙ୍କୁ ଖଣ୍ଡେ ଘର ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।

ଅନ୍ୟାନ୍ୟ

●୦୧୧୪୩/ଏସ୍/ଜେଏଏନ୍/୧୫: ଆବେଦନକାରୀ- ବିଶ୍ୱକଲ୍ୟାଣ ଅମିତାଭ ମହାପାତ୍ର। ଠିକଣା- ମାର୍ଫତ ମନୋରମା ପ୍ରଧାନ, ଅବକାଶ ମାର୍ଗ (ଗାୟତ୍ରୀ ମଠ ମାର୍ଗ), ପୁରୀ। ଆବେଦନକାରୀ ଲେଖିଛନ୍ତି ଯେ ତାଙ୍କ ପିତା ଜଗନ୍ନାଥ ନନ୍ଦ ଓ ମାତା ଶାନ୍ତିଲତା ମହାପାତ୍ରଙ୍କ ମଧ୍ୟରେ ମନାନ୍ତର ଘଟିବାରୁ ପିତା ଛାଡପତ୍ର ନଦେଇ ଦ୍ୱିତୀୟ ବିବାହ କରିଥିଲେ। ସେବେଠାରୁ ତାଙ୍କୁ ଓ ତାଙ୍କ ମା'ଙ୍କୁ ଦେଖିବାକୁ ପିତା କେବେ ଆସିନାହାନ୍ତି। ତାଙ୍କ ମା' ବହୁ କଷ୍ଟକରି ତାଙ୍କୁ ମଣିଷ କରିଛନ୍ତି। ତାଙ୍କର କିଛି ଭୁଲ ନଥିବାରୁ ତାଙ୍କ ପ୍ରତି ପିତାଙ୍କର ଦାୟିତ୍ୱ ଯାହା ରହିବା କଥା ତାହା ରହିନାହିଁ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।

●୦୧୧୪୭/ଏସ/ଜେଏଏନ୍/୧୫: ଆବେଦନକାରୀ- କ୍ଷେତ୍ରମୋହନ ପିଙ୍ଗୁଆ। ଠିକଣା- ଡଙ୍ଗାଡିହା, ଚମ୍ପାଝର, ଠାକୁରମୁଣ୍ଡା, ମୟୁରଭଞ୍ଜ। ଆବେଦନକାରୀ ଜଣାଇଛନ୍ତି ଯେ ଚମ୍ପାଝର ପଞ୍ଚାୟତର ନୂଆଗାଁଠାରେ ୧୯୯୧-୯୨ରେ ରବିନ୍ଦ୍ରନାଥ ବାଳିକା ଉଚ୍ଚବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଉକ୍ତ ବିଦ୍ୟାଳୟରେ ବହୁ ଦରିଦ୍ର ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ଅଧୀନରେ ୧୯ ବ୍ୟାଚ୍ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଉକ୍ତ ଅନୁଷ୍ଠାନ ସରକାରଙ୍କର ସମସ୍ତ ସର୍ତ୍ତ ପୂରଣ କରୁଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ସରକାରୀ ଅନୁଦାନ ପାଇନାହିଁ। ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ସେ ନିବେଦନ କରିଛନ୍ତି।

●୦୧୧୫୦/ଏସ/ଜେଏଏନ୍/୧୫: ଆବେଦନକାରୀ- ସୁମନ ଏକ୍କା ଓ ଅନ୍ୟମାନେ। ଠିକଣା- ଧୁଆନକାଟା, ଝୁନ୍‌ପୁର, ସୁନ୍ଦରଗଡ। ଆବେଦନକାରୀ ଜଣାଇଛନ୍ତି ଯେ ତାଙ୍କ ଗ୍ରାମରେ ୨୧ ପରିବାର ବାସ କରୁଛନ୍ତି। ତାଙ୍କ ଗ୍ରାମଦେଇ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ ତାର ଟଣାଯାଇଥିଲେ ମଧ୍ୟ ଟ୍ରାନ୍ସଫର୍ମର ବସା ଯାଇନଥିବାରୁ ସେମାନେ ବିଦ୍ୟୁତ ସେବା ପାଇବାରୁ ବଂଚିତ ହେଉଛନ୍ତି। କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

●୦୧୧୫୩/ଏସ/ଜେଏଏନ୍/୧୫: ଆବେଦନକାରୀ- ବିଶ୍ୱରଞ୍ଜନ ପ୍ରଧାନ। ଠିକଣା- ହରିପୁର, ଖୁଣ୍ଟକଟା, କଟକ। ଆବେଦନକାରୀ ଜଣାଇଛନ୍ତି ଯେ ସେ ଜଣେ ଭିନ୍ନକ୍ଷମ, ଅସହାୟ, ଦରିଦ୍ର ପରିବାରର ଲୋକ। ତାଙ୍କ ବାପା ଦିନ ମଜୁରିଆ। ମା ପରଘରେ ବାସନ ମାଜନ୍ତି। ଆବଦନକାରୀଙ୍କ ବୟସ ୧୫ ବର୍ଷ। ସେ ୮୦ ପ୍ରତିଶତ ଭିନ୍ନକ୍ଷମ। ପରିବାର ଉପରେ ବୋଝ ହୋଇଛନ୍ତି। ତେଜରାତି ଦୋକାନ କରି ପେଟ ପୋଷିବାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଲୋଡିଛନ୍ତି।

●୦୧୧୫୬/ଏସ/ଜେଏଏନ୍/୧୫: ଆବେଦନକାରୀ- ପ୍ରକାଶଚନ୍ଦ୍ର ସାହୁ, ଡାକ ନାୟକ ଓ ଅନ୍ୟମାନେ। ଠିକଣା- ନୂଆଁସାହି, ତମାଣ୍ଡୋ, ଜାଆଁଳା, ଖୋର୍ଦ୍ଧା। ଆବେଦନକାରୀ ଜଣାଇଛନ୍ତି ଯେ ସେମାନେ ବିପିଏଲ ହିତାଧିକାରୀ। ରାଜଧାନୀ ଉପକଣ୍ଠରେ ବାସ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟୁତ ଆଲୋକରୁ ବଂଚିତ। ଗ୍ରାମ ନିକଟରେ ବିଦ୍ୟୁତ ଖୁଣ୍ଟ ଆସି ପଡିରହିଛି। ସେମାନଙ୍କ ଗ୍ରାମକୁ ଶୀଘ୍ର ବିଦ୍ୟୁତ ସଂଯୋଗ ଯୋଗାଇଦେବାକୁ ସେମାନେ ନିବେଦନ କରିଛନ୍ତି।

●୦୧୧୫୭/ଏସ/ଜେଏଏନ୍/୧୫: ଆବେଦନକାରୀ- ଅଶୋକକୁମାର ପଟେଲ। ଠିକଣା- ବିଲୁଙ୍ଗ, କେଶାଇ ବାହାଲ, ସମ୍ବଲପୁର। ଆବେଦନକାରୀ ଲେଖିଛନ୍ତି ଯେ ୨୦୧୪ ନଭେମ୍ବର ୨୨ରେ ତାଙ୍କ ପୁଅ ଆଲୋକ ପଟେଲଙ୍କର ସୁନ୍ଦରଗଡ ନିକଟରେ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ପୁଅ ମୃତ୍ତିକା ସଂରକ୍ଷଣ ବିଭାଗରେ ସୁନ୍ଦରଗଡରେ କାର୍ଯ୍ୟ କରୁଥିଲେ। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଆବେଦନକାରୀ ଜଣେ ମଧୁମେହ ଆକ୍ରାନ୍ତ ବ୍ୟକ୍ତି ଏବଂ ତାଙ୍କ ପତ୍ନୀଙ୍କର ଗୋଟିଏ କିଡ୍‌ନି ନାହିଁ। ତାଙ୍କ ଅବସ୍ଥା ବିଚାରକୁ ନେଇ ସରକାର ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।

●୦୧୧୬୦/ଏସ/ଜେଏଏନ୍/୧୫: ଆବେଦନକାରୀ- ପ୍ରଦୀପ୍ତକୁମାର ଦାସ। ଠିକଣା- ଅଣତିରିଶ, କୁଶୁବେଣ୍ଟି, ବ୍ରହ୍ମଗିରି, ପୁରୀ। ଆବେଦନକାରୀ ଜଣାଇଛନ୍ତି ଯେ ଫାଇଲିନ ବାତ୍ୟାରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ବ୍ରହ୍ମଗିରିରେ ଘର ଭାଙ୍ଗିଯାଇଥିବା ଲୋକଙ୍କୁ ସହାୟତା ମିଳିଥିଲେ ମଧ୍ୟ ତାଙ୍କୁ ଏପର୍ଯ୍ୟନ୍ତ ମିଳିନାହିଁ। ଏଥିପାଇଁ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

'ସମାଜ'ର ପାଠକ ଓ ଜନସାଧାରଣଙ୍କର ଯଦି କିଛି ଅଭିଯୋଗ ଥାଏ ତେବେ ସେମାନେ ସେମାନଙ୍କର ଅଭିଯୋଗ କେବଳ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କିମ୍ବା 'ସମାଜ'କୁ ପଠାନ୍ତୁ। ଗୋଟିଏ ଦରଖାସ୍ତ ଏକସମୟରେ ବିଭିନ୍ନ ସ୍ଥାନକୁ ଏବଂ ଏକାଧିକ ଥର ପଠାଇବା ଦ୍ୱାରା ସେଗୁଡିକର ପଞ୍ଜିକରଣ କରିବା ଏବଂ ତାହା ଉପରେ ପଦକ୍ଷେପ ନେବାରେ ସମସ୍ୟା ହେଉଛି। ସେମାନେ ଅଭିଯୋଗ ସହିତ ସେମାନଙ୍କର ସମ୍ପୂର୍ଣ୍ଣ ଡାକଠିକଣା ପ୍ରଦାନ କରିବାକୁ ଅନୁରୋଧ। ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ଅଥବା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇବାକୁ ଆବେଦନ କରୁଥିବା ଜନସାଧାରଣ ଏଥିପାଇଁ ଥିବା ନିର୍ଦ୍ଧାରିତ ଫର୍ମ ପୂରଣ କରି ପଠାଇବାକୁ ନିବେଦନ କରାଯାଉଛି।

ଏଥିସହିତ ଆମେ ଜନସାଧାରଣଙ୍କୁ ଜଣାଇଦେଉଛୁ ଯେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ କାମ କରାଇଦେବାକୁ କହି କିଛି ଠକ ଓ ଦଲାଲ ଲୋକଙ୍କୁ ନିର୍ଦ୍ଦିଷ୍ଟ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ କହୁଛନ୍ତି ଏବଂ ସେମାନଙ୍କ ନିକଟରୁ ଲାଞ୍ଚ ମାଗୁଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ କାହାକୁ ସେଭଳି ପ୍ରତିଶ୍ରୁତି ଦିଆଯାଏ ନାହିଁ। କେବଳ ସେମାନଙ୍କ ଅଭିଯୋଗ ଉପରେ କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଡାକଯୋଗେ ଲୋକଙ୍କ ଠିକଣାରେ ଜଣାଇ ଦିଆଯାଏ। ତେଣୁ ଜନସାଧାରଣ ଏଭଳି ଘଟଣାର ସମ୍ମୁଖୀନ ହେଲେ ତୁରନ୍ତ ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷଙ୍କୁ ଜଣାଇ ଉକ୍ତ ଠକ ଓ ଦଲାଲଙ୍କୁ ଧରାଇବାକୁ ନିବେଦନ କରାଯାଉଛି।

(ବାମରୁ) ଦୃଷ୍ଟିହୀନ କୁମୁଦିନୀ କାଣ୍ଡି, ଘର ପଦ୍ମପଡା, ଗୋପ, ପୁରୀ। ସେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ଆବେଦନ କରିଛନ୍ତି। ମୁକ ଓ ବଧିର ମମତା ପ୍ରଧାନ, ନାଗପୁର, ବାଲିପାଟଣାରୁ କୁକୁଡା ପାଳନ ପାଇଁ ଆର୍ଥିକ ସହାୟତା ପାଇବାକୁ ଆବେଦନ କରିଛନ୍ତି।

ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ସହାୟତା ପାଇବାକୁ ନିମ୍ନଲିଖିତ ବ୍ୟକ୍ତି/ଟେଲିଫୋନ ନମ୍ବରରେ ଯୋଗାଯୋଗ କରନ୍ତୁ

95 YEARS OF EXCELLENCE 1919-2014

ରାଜ୍ୟର ପ୍ରମୁଖ ସରକାରୀ ଓ ଘରୋଇ ହସପିଟାଲ	ଯୋଗାଯୋଗ ବ୍ୟକ୍ତି	ଟେଲିଫୋନ ନମ୍ବର
ଏସସିବି ମେଡିକାଲ କଲେଜ ହସପିଟାଲ କଟକ	ସୁପରିଣ୍ଟେଣ୍ଡେଣ୍ଟ	୯୪୩୭୦୨୬୦୮୦
ଏମକେସିଜି ମେଡିକାଲ କଲେଜ ହସପିଟାଲ ବ୍ରହ୍ମପୁର	ସୁପରିଣ୍ଟେଣ୍ଡେଣ୍ଟ	୯୪୩୭୦୭୩୬୨୪
ଭିଏସଏସ ମେଡିକାଲ କଲେଜ ହସପିଟାଲ ବୁର୍ଲା	ସୁପରିଣ୍ଟେଣ୍ଡେଣ୍ଟ	୯୮୬୧୯୪୮୮୧୯
କ୍ୟାପିଟାଲ ହସପିଟାଲ ଭୁବନେଶ୍ୱର	ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ	୯୪୩୯୯୯୧୨୨୬
ଶିଶୁ ଭବନ କଟକ	ସୁପରିଣ୍ଟେଣ୍ଡେଣ୍ଟ	୦୬୭୧-୨୫୦୮୯୭୮
ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସା ପ୍ରତିଷ୍ଠାନ କଟକ	ଡାଇରେକ୍ଟର	୦୬୭୧-୨୩୦୪୨୬୪
ଆଦିତ୍ୟ କେୟାର ହସପିଟାଲ ଭୁବନେଶ୍ୱର	ଡକ୍ଟର ସନ୍ତୋଷ କୁମାର ମିଶ୍ର	୦୬୭୪-୩୦୫୩୨୦୦,୯୯୩୭୨ ୯୯୧୦୧
ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସା ପ୍ରତିଷ୍ଠାନ ଭୁବନେଶ୍ୱର	ବିକାଶଚନ୍ଦ୍ର ମହାନ୍ତ	୦୬୭୪-୩୯୮୯୨୦୨,୯୪୩୭୯ ୨୦୪୫୧
ଆପୋଲୋ ହସପିଟାଲ ଭୁବନେଶ୍ୱର	ଅମର କୁମାର ବେହେରା	୦୬୭୪-୬୬୬୧୦୧୬,୮୦୯୩୦ ୬୦୦୦୩
କିମ୍ସ ଭୁବନେଶ୍ୱର	ଡକ୍ଟର ରବି ନାରାୟଣ ସାମନ୍ତ	୦୬୭୪-୨୩୦୫୩୦୦,୯୪୩୭୦ ୫୨୮୯୨
ଆୟୁଷ ହସପିଟାଲ ଭୁବନେଶ୍ୱର	ଡା. ଘନଶ୍ୟାମ ଦାସ	୦୬୭୪-୭୧୧୧୧୦୦,୯୭୭୬୬୪୯୪୩୮
କଳିଙ୍ଗ ହସପିଟାଲ ଭୁବନେଶ୍ୱର	ଡକ୍ଟର ରାଜ କିଶୋର ପାଢ଼ୀ	୦୬୭୪-୨୩୦୧୨୧୬,୯୭୭୬୦ ୦୨୮୮୯
ହାଇଟେକ୍ ମେଡିକାଲ କଲେଜ ହସପିଟାଲ, ଭୁବନେଶ୍ୱର	ତପନ ମହାପାତ୍ର	୦୬୭୪-୨୩୭୧୪୦୬,୯୦୯୦୯୫୨୩୭୧
କିଡ୍‌ସ ଭୁବନେଶ୍ୱର	ଡକ୍ଟର ଆଲୋକ କାନୁନ୍‌ଗୋ	୦୬୭୪-୨୪୭୧୩୦୦,୯୪୩୭୦ ୫୫୭୪୦
ସମ୍ ହସପିଟାଲ ଭୁବନେଶ୍ୱର	ପ୍ରଣବେଶ ରଥ	୦୬୭୪-୨୩୮୬୨୨୪, ୯୯୩୭୩୩୯୧୯୭
ଶାନ୍ତି ମେମୋରିଆଲ ହସପିଟାଲ କଟକ	ଇନସ୍ୟୁରାନ୍ସ ମ୍ୟାନେଜର	୮୯୮୪୦୯୪୧୧୪,୦୬୭୧-୨୪୧୫୨୫୦
ଚିତ୍ତରଞ୍ଜନ ସେବା ସଦନ ନିଆଳି, କଟକ	ସୌମ୍ୟ ରଞ୍ଜନ ମିଶ୍ର	୦୬୭୧-୨୮୦୩୩୨୫, ୯୮୬୧୦ ୮୫୪୮୧
ଅଶ୍ୱିନୀ ହସପିଟାଲ କଟକ	କୈଳାସଚନ୍ଦ୍ର ମିଶ୍ର	୦୬୭୧-୨୩୬୩୦୦୭,୯୨୩୮୦୦୮୮୦୨
ଖ୍ରୀଷ୍ଟିଆନ ହସପିଟାଲ ନବରଙ୍ଗପୁର	ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ	୦୬୮୫୮-୨୨୩୦୬୬,୯୪୩୭୫୭୭୩୭୩
ଖ୍ରୀଷ୍ଟିଆନ ହସପିଟାଲ ବିଷମକଟକ	ଡଃ ପଦ୍ମ ସାହୁ	୯୪୩୭୮ ୧୯୦୫୧
ରାଜ୍ୟ ବାହାରେ ଓଏସ୍‌ଟିଏଫ ସୁବିଧା ମିଳୁଥିବା ଘରୋଇ ହସ୍‌ପିଟାଲ		
ରାମକୃଷ୍ଣ କେୟାର ହସପିଟାଲ, ରାୟପୁର, ଛତିଶଗଡ	ଏମ ଟି ଆଶା	୦୭୭୧-୩୦୦୩୩୦୦,୦୯୭୫୫୦୯୧୯୦୧
ନାରାୟଣ ହୃଦୟାଳୟ ରାୟପୁର, ଛତିଶଗଡ	ଡକ୍ଟର ଅଶୋକ ଜାର୍ଗର	୦୭୭୧-୪୨୧୨୭୬୧,୦୮୮୧୮୯ ୧୧୧୦୦
ଏସ୍‌କର୍ଟ ହସପିଟାଲ ରାୟପୁର, ଛତିଶଗଡ	ପାଲକ ଦିୱାନ୍	୦୭୭୧-୩୦୮୯୧୦୦,୦୯୮୨୬୩ ୬୬୬୬୨
ସେଭେନ ହିଲ୍‌ସ ହସପିଟାଲ ବିଶାଖାପାଟଣା	ମୋହନ ରାଓ	୦୮୯୧-୬୬୭୭୭୭୭,୦୯୮୪୮୧ ୩୯୯୨୨
କେୟାର ହସପିଟାଲ, ବିଶାଖାପାଟଣା	ଡକ୍ଟର ମୋହନ୍ ଏସ୍. ମହାରାଜ	୦୮୯୧-୨୫୨୨୬୨୨,୦୯୯୪୯୮ ୪୪୪୧୪
ଆପୋଲୋ ହସପିଟାଲ, ବିଶାଖାପାଟଣା	ଝାନ୍‌ସୀ ଲକ୍ଷ୍ମୀ	୦୮୯୧-୨୭୨୭୨୭୨, ୦୯୮୪୯୫ ୩୫୦୦୬

(ଏତଦ୍‌ବ୍ୟତୀତ ସମସ୍ତ ଜିଲାସ୍ତରୀୟ ମୁଖ୍ୟ ଚିକିତ୍ସାଳୟରେ ଏଡିଏମ୍‌ଓ ମେଡିକାଲଙ୍କ ସହିତ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ସହାୟତା ପାଇବାକୁ ଯୋଗାଯୋଗ କରାଯାଇପାରିବ।)

'ସମାଜ' ଜରିଆରେ ଅଭିଯୋଗ ସମାଧାନ

+ଫକିର ପାତ୍ର, କାଠଗୋଲା ବସ୍ତି, ବାପୁଜିନଗର, ଭୁବନେଶ୍ୱରରୁ ତାଙ୍କ ଘରକୁ ନୂଆ ବିଦ୍ୟୁତ ସଂଯୋଗ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ତାଙ୍କ ଆବେଦନପତ୍ରକୁ ଶକ୍ତି ବିଭାଗକୁ ପଠାଯାଇଥିଲା। ସେସୁର ରିପୋର୍ଟକୁ ଆଧାର କରି ଶକ୍ତି ବିଭାଗ ଜଣାଇଛି ଯେ ତାଙ୍କ ଘରକୁ ବିଦ୍ୟୁତ ସଂଯୋଗ ୨୦୧୪ ଜୁଲାଇ ୧ରୁ କାର୍ଯ୍ୟକ୍ଷମ ହୋଇଛି।

+ ଦୁର୍ଗାପ୍ରସନ୍ନ ପଣ୍ଡା ଏବଂ ଅନ୍ୟମାନେ, ଗୁଡ, ସୋରା, ବାଲେଶ୍ୱରରୁ ପାଇପ ଜଳ ଯୋଗାଣ କାର୍ଯ୍ୟକ୍ରମ ଅଧୀନରେ ସେମାନଙ୍କ ଗ୍ରାମକୁ ପାନୀୟ ଜଳ ଯୋଗାଇଦେବାକୁ ଆବେଦନ କରିଥିଲେ। ଏହା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପଠାଯାଇଥିଲା। ଜଣାଯାଇଛି ଯେ ଗୁଡରେ ପ୍ରଥମ ଉତ୍ସରେ ଅଧିକ ଲୌହ ଅଂଶ ଆସୁଥିବାରୁ ଦ୍ୱିତୀୟ କୂପ ଖନନ କରାଯାଇ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଇତିମଧ୍ୟରେ ପିଏମଜିଏସୱାଇ ରାସ୍ତା ତିଆରି ସମୟରେ ପାଣି ପାଇପ ନଷ୍ଟ ହୋଇଥିଲା। ତାହା ପୁନଃ ବିଛାଇବାକୁ ପଦକ୍ଷେପ ନିଆଯାଉଛି। ତେବେ ଗ୍ରାମରେ ୪୯ଟି ନଳକୂପ କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି।

+ ସୁରେନ୍ଦ୍ର ରଥ, ମଧୁସୂଦନପୁର, ବରୀ, ଯାଜପୁରରୁ ତାଙ୍କ ବାର୍ଦ୍ଧକ୍ୟଭତ୍ତାର ବକେୟା ପ୍ରଦାନ କରିବାକୁ ଅନୁରୋଧ କରି ପତ୍ର ଲେଖିଥିଲେ। ଏହା ବରୀ ବିଡିଓଙ୍କ ନିକଟକୁ ପଠାଯାଇଥିଲା। ସେ ଜଣାଇଛନ୍ତି ଯେ ତାଙ୍କ ବାର୍ଦ୍ଧକ୍ୟ ଭତ୍ତା ନିୟମିତ ଭାବେ ଦିଆଯାଇଛି। କିନ୍ତୁ ସେ ମାର୍ଚ୍ଚ ୨୦୧୨ରୁ ଅଗଷ୍ଟ ୨୦୧୨ ପର୍ଯ୍ୟନ୍ତ ତାଙ୍କ ଗ୍ରାମରେ ନଥିଲେ। ତେଣୁ ସେହି ସମୟର ପେନ୍‌ସନ ତାଙ୍କୁ ଦିଆଯାଇପାରିନାହିଁ। ତାଙ୍କର ବକେୟା ପେନ୍‌ସନ ତାଙ୍କୁ ଶୀଘ୍ର ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଉଛି।

+ନରେନ୍ଦ୍ର ମଲ୍ଲିକ, ତିର୍ତ୍ତୋଲ, ଜଗତସିଂହପୁରରୁ ତାଙ୍କ ରୋଗିଣା ପୁଅର ଚିକିତ୍ସା ଓ ଖାଦ୍ୟ ନିମନ୍ତେ ଆର୍ଥିକ ସହାୟତା ଲୋଡିଥିଲେ। ତାଙ୍କ ଆବେଦନ ସାଧାରଣ ପ୍ରଶାସନ ବିଭାଗକୁ ପଠାଯାଇଥିଲା। ସେହି ସୂତ୍ରରୁ ଜଣାଯାଇଛି ଯେ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିବା ସକାଶେ ମଞ୍ଜୁର କରାଯାଇଛି। ଏହା ଜଗତସିଂହପୁର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯିବ।

+ ବିକାଶଚନ୍ଦ୍ର ପଟ୍ଟନାୟକ ଓ ଅନ୍ୟମାନେ, ଗଙ୍ଗାରାମ ନୂଆସାହି, ପୁରୀରୁ ବଡଶଙ୍ଖ ବାଳିକା ସ୍କୁଲ ନିକଟରୁ କ୍ୟାବିନ ସ୍ଥାନାନ୍ତର କରିବାକୁ ଆବେଦନ କରିଥିଲେ। ଏହା ପୁରୀ ଏସ୍‌ପିଙ୍କ ନିକଟକୁ ପଠାଯାଇଥିଲା। ସେ ଜଣାଇଛନ୍ତି ଯେ ଏହି ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା, କିନ୍ତୁ ଉକ୍ତ ଅଞ୍ଚଳର କୌଣସି ବାସିନ୍ଦା ଏଭଳି ଅଭିଯୋଗ କରିନଥିବା ଜଣାଯାଇଥିଲା। ଯଦି ସେଠାରେ କୌଣସି ଅସାମାଜିକ କାର୍ଯ୍ୟକଳାପ ଘଟେ ତେବେ ତାହା ପୋଲିସର ଦୃଷ୍ଟିକୁ ଆଣିବାକୁ ପରାମର୍ଶ ଦିଆଯାଇଛି। ସେଠାରେ ପୋଲିସ ପେଟ୍ରୋଲିଂ କଡାକଡି କରାଯାଇଛି।

+ ରେଣୁଦେଇ, ରାମେଶ୍ୱରପୁର, ଗଡିଜଙ୍ଗ, ନିଶ୍ଚିନ୍ତକୋଇଲି, କଟକରୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଲେଖିଥିଲେ। ତାଙ୍କ ଆବେଦନକୁ ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟକୁ ପଠାଯାଇଥିଲା। ସେ ଜଣାଇଛନ୍ତି ଯେ ଆବେଦନକାରୀଙ୍କ ଦରଖାସ୍ତକୁ କଟକ ସବ୍‌କଲେକ୍ଟରଙ୍କ ନିକଟକୁ ମଞ୍ଜୁର ନିମନ୍ତେ ପଠାଯାଇଛି।

ଆମ କଥା ଶୁଣନ୍ତୁ

ନିୟମାବଳୀ

୧. ଓଡ଼ିଶାର ପ୍ରତ୍ୟେକ ଜିଲା, ତହସିଲ, ବ୍ଲକ୍, ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା 'ସମାଜ' ସମ୍ବାଦଦାତାଙ୍କ ମାଧ୍ୟମରେ କିମ୍ବା ଏଥିପାଇଁ ଥିବା ଇ-ମେଲ୍‌ରେ ଅଭିଯୋଗମାନ ପଠାଯାଇପାରିବ।

୨.'ସମାଜ' ଗ୍ରହଣ କରିଥିବା ପ୍ରତ୍ୟେକ ଅଭିଯୋଗକୁ ନିଜସ୍ୱ ଏକ ସ୍ୱତନ୍ତ୍ର କମିଟି ଦ୍ୱାରା ଯାଞ୍ଚ କରିବା ପରେ ଏହାକୁ ସଂପୃକ୍ତ ସରକାରୀ ବିଭାଗ, ଜିଲାପାଳଙ୍କ କାର୍ଯ୍ୟାଳୟ, ସର୍ବୋପରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଗୁରୁତ୍ୱ ଅନୁଯାୟୀ ପଠାଯିବ।

୩.ଉକ୍ତ ଅଭିଯୋଗଗୁଡିକ ସଂପୃକ୍ତ ବିଭାଗ ଦ୍ୱାରା ପଞ୍ଜିକୃତ ହେବାପରେ ଏହାର ବିବରଣୀ 'ସମାଜ'ର ପ୍ରତି ସପ୍ତାହରେ ଏକ ସ୍ୱତନ୍ତ୍ର ପୃଷ୍ଠାରେ ପ୍ରକାଶିତ ହେବ।

୪. ନ୍ୟାୟାଳୟରେ ବିଚାରାଧିନ ଥିବା ମକଦ୍ଦମାଗୁଡିକୁ ଅଭିଯୋଗ ଭାବେ ଗ୍ରହଣ କରାଯିବ ନାହିଁ। ଏହାଛଡ଼ା ରାଜନୈତିକ ଅଭିଯୋଗ ତଥା ଆକ୍ରୋଶମୂଳକ ଅଭିଯୋଗଗୁଡିକୁ ମଧ୍ୟ ଗ୍ରହଣ କରାଯିବ ନାହିଁ।

୫. ସମସ୍ତ ଅଭିଯୋଗପତ୍ରକୁ 'ସମାଜ' ଅଭିଯୋଗ କମିଟି ଯାଞ୍ଚ କରିବା ପରେ ଗୁରୁତ୍ୱ ଅନୁଯାୟୀ ପ୍ରକାଶ କରାଯିବ। ହସ୍ତଗତ ହେଉଥିବା ସମସ୍ତ ଅଭିଯୋଗ ପ୍ରକାଶ କରିବାକୁ 'ସମାଜ' ବାଧ୍ୟ ନୁହେଁ। ଏ ସମ୍ପର୍କରେ 'ସମାଜ'ର ଅଭିଯୋଗ କମିଟିର ନିଷ୍ପତ୍ତି ଚୂଡାନ୍ତ।

୬.'ସମାଜ' ବୃହତ୍ତର ସ୍ୱାର୍ଥ ତଥା ଗୋଷ୍ଠୀ ଭିତ୍ତିକ ଅଭିଯୋଗଗୁଡିକୁ ଅଗ୍ରାଧିକାର ଦେବ।

୭. 'ସମାଜ'ର ହସ୍ତଗତ ହେଉଥିବା ଅଭିଯୋଗଗୁଡିକର ନିଶ୍ଚିତ ସମାଧାନ କ୍ଷେତ୍ରରେ 'ସମାଜ'ର କୌଣସି ପ୍ରତ୍ୟକ୍ଷ କର୍ତ୍ତୃତ୍ୱ ନାହିଁ। ଏହା କେବଳ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଏକ ସମ୍ପର୍କର ସେତୁ ଭାବେ କାମ କରିବା ସହିତ ଅଭିଯୋଗଗୁଡିକର ଆଶୁ ସମାଧାନ ନିମନ୍ତେ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବ।

-ମୁଖ୍ୟ ପରିଚାଳକ

'ସମାଜ'କୁ ଅଭିଯୋଗ ପଠାଇବାର ଠିକଣା

ଆମ କଥା ଶୁଣନ୍ତୁ
'ସମାଜ' ଭୁବନେଶ୍ୱର କାର୍ଯ୍ୟାଳୟ
ବିଜେବି ନଗର, ଭୁବନେଶ୍ୱର-୭୫୧୦୧୪
email-amakathasunantu@thesamaja.com

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠିକଣା

କ୍ୱାର୍ଟର ନମ୍ବର : ଡିଏସ୍-୧, ଟାଇପ୍-୮,
ୟୁନିଟ୍-୫, ଭୁବନେଶ୍ୱର
ଇ-ଅଭିଯୋଗର ୱେବସାଇଟ୍
www.cmgcodisha.gov.in

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇବାକୁ ଯୋଗାଯୋଗ ଠିକଣା

ସ୍ୱତନ୍ତ୍ର ସଚିବ, ସାଧାରଣ ପ୍ରଶାସନ
ବିଭାଗ, ଓଡ଼ିଶା ସଚିବାଳୟ, ଭୁବନେଶ୍ୱର-
୭୫୧୦୦୧। ଟେଲିଫୋନ ନମ୍ବର
୦୬୭୪-୨୩୨୨୩୯୭ (ଅଫିସ)

ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ କେଉଁଠି ମିଳୁଛି ସହାୟତା

ଏହି ସହାୟତା ସମସ୍ତ ଜିଲା ସଦର ମହକୁମା ହସପିଟାଲ, କ୍ୟାପିଟାଲ ହସପିଟାଲ ଭୁବନେଶ୍ୱର, କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ ଅଫ ପେଡିଆଟ୍ରିକ୍‌ସ (ଶିଶୁଭବନ), ରାଜ୍ୟର ତିନିଟିଯାକ ସରକାରୀ ମେଡିକାଲ କଲେଜ ହସପିଟାଲ ଯଥା: କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସପିଟାଲ, ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ମେଡିକାଲ କଲେଜ ହସପିଟାଲ, ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ହସପିଟାଲ ଏବଂ କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟରୋଗ ଚିକିତ୍ସା ପ୍ରତିଷ୍ଠାନରେ ଉପଲବ୍ଧ ହେଉଛି। ହସପିଟାଲରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ ଏଥିପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବାକୁ ହେବ। ତାହା ସହିତ ଉକ୍ତ ଫର୍ମରେ ତାଙ୍କୁ ବିପିଏଲ କାର୍ଡ ବା ଆୟ ପ୍ରମାଣପତ୍ର ବା ପଞ୍ଜିକୃତ ମେଣ୍ଟାଲ ଆସାଇଲମ, ଡେଷ୍ଟିଚ୍ୟୁଟ ହୋମ, ଅର୍ଫାନେଜର ସେକ୍ରେଟାରୀଙ୍କ ନିକଟରୁ ରେଫରାଲ ସ୍ଲିପ ସଂଯୁକ୍ତ କରିବା ଆବଶ୍ୟକ। ଏହି ହସପିଟାଲଗୁଡିକ ବ୍ୟତୀତ ରାଜ୍ୟବାସୀଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାର ରାଜ୍ୟ ମଧ୍ୟରେ ଏବଂ ରାଜ୍ୟ ବାହାରେ ଥିବା କେତେକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଓଏସ୍‌ଟିଏଫରୁ ଚିକିତ୍ସା ସହାୟତା ଯୋଗାଇବା ବ୍ୟବସ୍ଥା କରିଛନ୍ତି।